## ଓଡ଼ିଶା ଆବଶ୍ୟକ ତଥ୍ୟ ଦେଇନାହିଁ ବୋଲି ସୁପ୍ରିମକୋର୍ଟରେ କେନ୍ଦ୍ରର ସତ୍ୟପାଠ

# ହେବନି ସ୍ୱତନ୍ତ୍ର ମହାନଦୀ ଟ୍ରିବ୍ୟୁନାଲ୍

**ନୂଆଦିଲ୍ଲୀ, ଭୁବନେଶ୍ୱର, ୬।୧୨/ଏନ୍ଏନ୍ଏସ୍:**

ମହାନଦୀ ଜଳବିବାଦକୁ ନେଇ ଟ୍ରିବ୍ୟୁନାଲ୍ ଗଠନ ହେବ ନା ନାହିଁ ସେନେଇ କେନ୍ଦ୍ର ସରକାର ନିରବ ରହିଛନ୍ତି। ଗତ ନଭେମ୍ବର ୨୯ ତାରିଖରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ସମସ୍ତ ନଦୀ ଜଳ ବିବାଦର ସମାଧାନ ନିମନ୍ତେ ଏକକ ଟ୍ରିବ୍ୟୁନାଲ ଗଠନ ପାଇଁ ଚିନ୍ତା କରାଯାଉଥିବା କୁହାଯାଇଛି। ମହାନଦୀ ପ୍ରସଙ୍ଗରେ ଓଡ଼ିଶା ସରକାର କେନ୍ଦ୍ର ନିକଟରେ ଆବଶ୍ୟକ ତଥ୍ୟ ଉପସ୍ଥାପିତ କରିବାରେ ବିଫଳ ହୋଇଥିବାରୁ ଉଭୟ ପକ୍ଷ ମଧ୍ୟରେ ଆପୋସ ଆଲୋଚନା ଜରିଆରେ ବିବାଦର ସମାଧାନ ହେବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଛତିଶଗଡ଼ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାରର ସହାୟତା କରିଥିବା ବେଳେ ଓଡ଼ିଶା ସରକାର ସହଯୋଗ କରିନାହାନ୍ତି ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୯ ତାରିଖରେ କରାଯିବ ବୋଲି ଜଣାପଡ଼ିଛି।

ଏହି ସତ୍ୟପାଠ ବିଷୟରେ ମତାମତ ଦେଇ କେନ୍ଦ୍ର ସରକାରଙ୍କ ଓକିଲ ଓ୍ୱାସିମ୍ ଏ କାଦ୍ରୀ କହିଛନ୍ତି ଯେ ଯେହେତୁ ଓଡ଼ିଶା ସରକାର ସଠିକ ତଥ୍ୟ ଦେଇନାହାନ୍ତି ଏବଂ ଏନେଇ କେନ୍ଦ୍ର ସରକାରଙ୍କୁ ସହାୟତା କରିନାହାନ୍ତି, ତେଣୁ ମହାନଦୀ ଜଳବିବାଦ ପାଇଁ ଟ୍ରିବ୍ୟୁନାଲ ଗଠନ କରିବା ଅନାବଶ୍ୟକ।

ଅନ୍ୟପକ୍ଷେ ରାଜ୍ୟ ଜଳସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ସରକାର ଖୁବ୍‌ଶୀଘ୍ର ସୁପ୍ରିମ୍‌କୋର୍ଟରେ ଏ ସଂପର୍କରେ ବିଧିବଦ୍ଧ ଆପତ୍ତି ଉଠାଇବେ। ନିଜର ଓକିଲଙ୍କ ସହ ସରକାର ଗତ ୨ ଦିନ ଧରି ପରାମର୍ଶ ଚଳାଇଛନ୍ତି ଓ କେନ୍ଦ୍ରର ସତ୍ୟପାଠରେ ଅନେକ ତ୍ରୁଟି ଥିବା ରାଜ୍ୟର ଓକିଲ ସରକାରଙ୍କୁ ଅବଗତ କରାଇଛନ୍ତି। ଯଦି କେନ୍ଦ୍ର ସରକାର ଏକକ ଟ୍ରିବ୍ୟୁନାଲ୍ ମଧ୍ୟରେ ମହାନଦୀ ବିବାଦର ସମାଧାନ କରିବାକୁ ଆଗ୍ରହୀ ତା' ହେଲେ ଓଡ଼ିଶା ସେଥିରେ ଆପତ୍ତି କରିବ ନାହିଁ। କିନ୍ତୁ ଟ୍ରିବ୍ୟୁନାଲ୍ ବିନା ବିବାଦର ସମାଧାନ ଉଦ୍ୟମ ହେଲେ, ଓଡ଼ିଶା ତାହାକୁ ଗ୍ରହଣ କରିବ ନାହିଁ ବୋଲି ରାଜ୍ୟ ସରକାର କୋର୍ଟଙ୍କୁ ସ୍ପଷ୍ଟ ରୂପରେ ଜଣାଇବେ ବୋଲି ସୂଚନା ମିଳିଛି।

ଏଠାରେ ସୂଚନାଯୋଗ୍ୟ ଯେ ଆନ୍ତଃରାଜ୍ୟ ଜଳ ବିବାଦ ଆଇନ୍-୧୯୫୬ ଅନୁସାରେ ଯଦି ଦୁଇଟି ବା ତତୋଧିକ ରାଜ୍ୟ ମଧ୍ୟରେ ରହିଥିବା ଜଳ ବିବାଦର ସମାଧାନ କଥାବାର୍ତ୍ତା ମାଧ୍ୟମରେ ସମ୍ଭବ ନହୁଏ, ତା'ହେଲେ କେନ୍ଦ୍ର ସରକାର ଏକ ବର୍ଷ ସମୟ ମଧ୍ୟରେ ଟ୍ରିବ୍ୟୁନାଲ ଗଠନ କରିବା କଥା। ଗତ ମେ' ୨ରେ ସୁପ୍ରିମକୋର୍ଟରେ ଏସମ୍ପର୍କିତ ଏକ ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସଲିସିଟର ଜେନେରାଲ୍ ଟ୍ରିବ୍ୟୁନାଲ ଗଠନ ନେଇ କ୍ୟାବିନେଟ୍ ନୋଟ୍ ପ୍ରସ୍ତୁତ ହୋଇସାରିଥିବା ଏବଂ ପରବର୍ତ୍ତୀ ଶୁଣାଣି ସମୟରେ ଗତ ନଭେମ୍ବର ୧୯ ତାରିଖ ପୂର୍ବରୁ ଏନେଇ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସମୟ ବିତିଯାଇଥିଲେ ସୁଦ୍ଧା କେନ୍ଦ୍ର ସରକାର ଏନେଇ ବିଜ୍ଞପ୍ତି ଜାରି କରିନାହାନ୍ତି। ଟ୍ରିବ୍ୟୁନାଲ୍ ଗଠନକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନି ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ମଧ୍ୟ ଲେଖିସାରିଛନ୍ତି।

ମହାନଦୀ ଜଳ ବିବାଦର ସମାଧାନ ନେଇ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ଏକ୍ସପର୍ଟ କମିଟି ଗଠନ କରିବା ପାଇଁ ସମସ୍ତେ ସହମତ ହୋଇଥିଲେ। ଏଥିପାଇଁ ରାଜ୍ୟଗୁଡ଼ିକ ନିଜନିଜ ଏକ୍ସପର୍ଟ ସମ୍ପୃକ୍ତ କମିଟିକୁ ମନୋନୀତ କରିବା ପାଇଁ କୁହାଯାଇଥିଲା।

▶▶ ୭